## HEALTH AND FAMILY WELFARE DEPARTMENT

## PRESS BRIEF

**Subject: Approval of the new scheme namely "Ama Hospital"- A transformation initiative under 5T .**

The Government of Odisha have been continuously striving towards improving healthcare services, with emphasis on improving quality of care. Special focus has been given on obtaining patient feedback through MO Sarkar, in order to take required action for providing patient-cantered care.

In view of above, Government of Odisha have introduced "Ama Hospital" - A transformation initiative under 5T to make healthcare more patient centric and focus more on investing on interventions contributing towards ease of living by the patients and the family members coming to public health facilities. Under this initiative, State Government is making all efforts to transform all Public Health Facilities at DHH, SDH, CHC and PHC level in a phased manner to be oriented towards patient comfort and care. Increased allocation of resources is made to address the critical gaps related to HR & Infrastructure. This initiative is part of State Government's 5T charter to transform and strengthen the public health facilities across state.

"Ama Hospital" - A transformation initiative under 5T aims at strengthening Public Health Infrastructure for promoting improved standards of care and wellbeing of the patient, improved basic amenities required for patients and their attendants, creating a conducive environment for bringing positive patient experience.

The major components include: -

- Improved patient waiting area with all basic patient amenities
- Help Desk with maps for enhanced patient support in terms of guiding patients and attendants to access the services
- More Drug Distribution Counters for quick dispensing of Drugs
- Hygienic toilet Facilities for better patient experience
- Paved internal road with sheds for quick link within various Departments

- Attendant rest shed for stay at the facility during hospitalisation of patients
- Uniform branding, signages and prototypes within the Building & Campus for easy navigating within the facility
- Digital Display Boards for improved public awareness
- Regulation of vehicle movement and provision of Parking shed
- Queue management and patient calling system to reduce overcrowding in service areas
- Online registration system for better patient management
- Laboratory report on Phone to avoid multiple visit to hospitals
- Mission Shakti Cafe within the hospital premises for easy access to refreshment requirements
- Aahaar Kendras for providing quality food in subsidised rate
- Uniform entrance gates for better visibility

This initiative will be implemented across all facilities (1858) in the State (DHH, SDH, CHC / UCHC PHC /UPHC level) in a phased manner during a period of five years. In the first year, 149 public health facilities are being strengthened.

A sum of Rs. 3388.73 Crs. have been provisioned for a period of five years from 2023-24 to 2027-28 for the Scheme.

Keeping the motto of "Every Life is Precious" as the guiding principle, State funded AMA Hospital - A transformation initiative under 5T envisages for ensuring patient friendly health care services with dignity to every single person who visits public health facilities. Therefore, the Cabinet in the meeting held today have approved the scheme namely "Ama Hospital" - A transformation initiative under 5T.

## ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

## ପ୍ରେସ୍ ବିଜ୍ଞପ୍ତି

**ବିଷୟ - ନୂତନ ଯୋଜନା " ଆମ ହସ୍ପିଟାଲ " - 5T ଅଧିନରେ ଏକ ରୂପାନ୍ତରିକରଣ ବ୍ୟୟକୁ ମିଳିଲା ମଞ୍ଜୁରୀ ।**

ରାଜ୍ୟରେ ଲୋକମାନଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପ୍ରଦାନ ନିମନ୍ତେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ଓ ଏହିକ୍ରମରେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ଓ ଆନୁଷଙ୍ଗୀକ ଭିତ୍ତିଭୂମୀର ବିକାଶ ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ରୋଗୀ କୈନ୍ଦ୍ରିକ ସ୍ୱାସ୍ଥ୍ୟ ସେବା ପ୍ରଦାନ ନିମନ୍ତେ ଆବଶ୍ୟକୀୟ ପରିବର୍ତ୍ତନ ପାଇଁ ରୋଗୀଙ୍କର ମତାମତ ସଂଗ୍ରହକୁ ମୋ-ସରକାର ମାଧମରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି ।

ଉପରୋକ୍ତ ଲକ୍ଷ୍ୟ ହାସଲ କରିବା ପାଇଁ ଓ ସରକାରୀ ଡାକ୍ତରଖାନାଗୁଡିକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଓ ସେମାନଙ୍କର ପରିବାର-ପରିଜନମାନଙ୍କର ଡାକ୍ତରଖାନାରେ ରହଣୀକୁ ସହଜ କରିବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ " ଆମ ହସ୍ପିଟାଲ " - 5T ଅଧିନରେ ଏକ ରୂପାନ୍ତରିକରଣ ଯୋଜନା ଆରମ୍ଭ କରାଯାଇଛି । ଏହି ଯୋଜନାର ବିଭିନ୍ନ ପଦକ୍ଷେପ ସ୍ୱରୂପ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍), ଜିଲ୍ଲା ଉପଖଣ୍ଡ ଚିକିତ୍ସାଳୟ (ଏସ.ଡ଼ି.ଏଚ.), ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସି.ଏଚ.ସି.) ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପି.ଏଚ.ସି.) ସ୍ତରରେ ଥିବା ସମସ୍ତ ସରକାରୀ ଡାକ୍ତରଖାନାଗୁଡିକୁ ପର୍ଯ୍ୟାୟକ୍ରମେ ରୂପାନ୍ତରଣ ନିମନ୍ତେ ପ୍ରୟାସ କରାଯାଉଛି । ଏଥିନିମନ୍ତେ ଆବଶ୍ୟକୀୟ ମାନବ ସମ୍ବଳ ଓ ଭିତ୍ତିଭୂମୀ କ୍ଷେତ୍ରରେ ରହିଥିବା ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ପୂରଣ ପାଇଁ ଅଧିକ ଅର୍ଥ ବିନିଯୋଗର ବ୍ୟବସ୍ଥା କରାଯାଇଛି । ଏହା ରାଜ୍ୟ ସରକାରଙ୍କର ଫାଇଭ୍-ଟି ଅଧିନରେ ସମଗ୍ର ରାଜ୍ୟରେ ଥିବା ସରକାରୀ ଡାକ୍ତରଖାନାଗୁଡିକର ରୂପାନ୍ତରୀକରଣ ତଥା ସୁଦୃଢ଼ୀକରଣ ପାଇଁ ଏକ ଅଭିନବ ପଦକ୍ଷେପ ।

" ଆମ ହସ୍ପିଟାଲ " - 5T ଅଧିନରେ ଏକ ରୂପାନ୍ତରିକରଣ ଯୋଜନାର ଉଦ୍ଦେଶ୍ୟ ହେଉଛି ସରକାରୀ ଡାକ୍ତରଖାନାରେ ରୋଗୀଙ୍କର ଚିକିତ୍ସା ନିମନ୍ତେ ଉନ୍ନତମାନ ଓ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବାର ଉପଲବ୍ଧ କରାଇବା, ରୋଗୀ ଓ ସେମାନଙ୍କର ପରିବାର-ପରିଜନଙ୍କ ପାଇଁ ଆବଶ୍ୟକୀୟ ମୌଳିକ ସୁବିଧାଗୁଡିକୁ ଉପଲବ୍ଧ କରାଇବା, ଡାକ୍ତରଖାନା ପ୍ରତି ରୋଗୀଙ୍କ ନିର୍ଭରଶୀଳତା ବଢ଼ାଇବା ପାଇଁ ଏକ ସକାରାତ୍ମକ ଅଭିଜ୍ଞତା ତଥା ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା ପାଇଁ ସରକାରୀ ଡାକ୍ତରଖାନା ଭିତ୍ତିଭୂମିର ଦୃଢ଼ୀକରଣ କରିବା ।

ଏହାର ମୁଖ୍ୟ ଉପାଦାନଗୁଡ଼ିକ ହେଉଛି:-

- ରୋଗୀ ପ୍ରତୀକ୍ଷା ସ୍ଥାନଗୁଡିକର ଉନ୍ନତିକରଣ ଓ ସମସ୍ତ ମୌଳିକ ସୁବିଧା ଉପଲବ୍ଧ କରାଇବା ।
- ରୋଗୀଙ୍କୁ ବିନାମୂଲ୍ୟରେ ଦିଆଯାଉଥିବା ଔଷଧ ବିତରଣ କେନ୍ଦ୍ରରେ କାଉଣ୍ଟର ସଂଖ୍ୟା ବଢ଼ାଇବା ।
- ରୋଗୀଙ୍କର ସକରାତ୍ମକ ଅଭିଜ୍ଞତା ପାଇଁ ସ୍ୱଚ୍ଛ ଶୌଚାଳୟ ସୁନିଶ୍ଚିତ କରାଇବା ।

- ବିଭିନ୍ନ ବିଭାଗ ମଧ୍ୟରେ ଶୀଘ୍ର ଯୋଗାଯୋଗ ପାଇଁ ଆଭ୍ୟନ୍ତରୀଣ ପକ୍କା ରାସ୍ତା ଓ ଶେଡ୍ ବ୍ୟବସ୍ଥା କରିବା ।
- ରୋଗୀଙ୍କ ସହ ଡାକ୍ତରଖାନା ଆସିଥିବା ଆଟେଣ୍ଡାଣ୍ଟମାନଙ୍କର ରହଣୀର ସୁବିଧା ପାଇଁ ଆଟେଣ୍ଡାଣ୍ଟ ବିଶ୍ରାମ ଗୃହ ତିଆରି କରିବା ।
- ଡାକ୍ତରଖାନା ଭିତରେ ବିଭିନ୍ନ ବିଭାଗ ଓ ଉପଲବ୍ଧ ସେବା କେନ୍ଦ୍ରଗୁଡିକରେ ସହଜରେ ପହଞ୍ଚିବା ପାଇଁ ବିଲ୍ଡିଂଗୁଡିକରେ ସମାନ ଧରଣର ବ୍ରାଣ୍ଡିଂ ଓ ସାଇନେଜ୍ ଲଗାଇବା ।
- ଜନସଚେତନତା ନିମନ୍ତେ ଡିଜିଟାଲ ଡ଼ିସ୍ପ୍ଲେ ବୋର୍ଡ ଲଗାଇବା ।
- ଗାଡି ଚଳାଚଳକୁ ଶୃଙ୍ଖଳିତ କରିବା ଓ ପାର୍କିଂ ଶେଡର ବ୍ୟବସ୍ଥା ।
- ସେବା ପ୍ରଦାନ କରାଯାଉଥବା ସ୍ଥାନଗୁଡିକରେ ଏକକାଳୀନ ଅତ୍ୟଧିକ ଭିଡ଼ କମାଇବା ନିମନ୍ତେ ଧାଡି ପରିଚାଳନା ପାଇଁ ରୋଗୀମାନଙ୍କୁ ଡାକିବା ବ୍ୟବସ୍ଥା (ପେସେଣ୍ଟ କଲିଂ ସିଷ୍ଟମ) କରିବା ।
- ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କିତ ସୂଚନାଗୁଡିକର ଉନ୍ନତ ପରିଚାଳନା ପାଇଁ ଅନଲାଇନ୍ ପଞ୍ଜୀକରଣ ବ୍ୟବସ୍ଥା ।
- ଡାକ୍ତରଖାନାକୁ ଏକାଧିକ ପରିଦର୍ଶନରୁ ଦୂରେଇ ରହିବା ପାଇଁ ରୋଗୀମାନଙ୍କୁ ଫୋନରେ ଲାବୋରେଟୋରୀ ରିପୋର୍ଟ ପ୍ରଦାନ ବ୍ୟବସ୍ଥା ।
- ସହଜରେ ଜଳଖିଆ ଖାଇବା ନିମନ୍ତେ ଡାକ୍ତରଖାନା ପରିସର ମଧ୍ୟରେ ମିଶନ୍ ଶକ୍ତି କାଫେରେ ଖାଦ୍ୟ ଉପଲବ୍ଧ କରାଇବା ।
- ରିହାତି ମୂଲ୍ୟରେ ଉତ୍ତମ ଗୁଣମାନ ଯୁକ୍ତ ଖାଦ୍ୟ ଯୋଗାଇବା ପାଇଁ ଡାକ୍ତରଖାନା ପରିସରରେ ଆହାର କେନ୍ଦ୍ର କରିବା ।
- ଉତ୍ତମରୂପେ ଦୃଶ୍ୟମାନ ହେବା ପାଇଁ ଡାକ୍ତରଖାନାଗୁଡିକରେ ଏକ ସମାନ ଧରଣର ପ୍ରବେଶ ଦ୍ୱାର ନିର୍ମାଣ କରିବା ।

ଏହି ପଦକ୍ଷେପ ରାଜ୍ୟର ସମସ୍ତ (୧୮୫୮ଟି) ସରକାରୀ ଡାକ୍ତରଖାନା (ଡି.ଏଚ୍.ଏଚ୍., ଏସ.ଡ଼ି.ଏଚ., ସି.ଏଚ.ସି. ଓ ପି.ଏଚ.ସି.) ସ୍ତରରେ ପାଞ୍ଚ ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯିବ ।

ପ୍ରଥମ ବର୍ଷରେ, ୧୪୯ଟି ସରକାରୀ ଡାକ୍ତରଖାନାଗୁଡିକୁ ସୁଦୃଢ଼ୀକରଣ କରାଯିବ ।

୫ ବର୍ଷ (୨୦୨୩-୨୪ ରୁ ୨୦୨୭-୨୮) ପାଇଁ ଏହି ଯୋଜନା ନିମନ୍ତେ ୩୩୮୮.୭୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଅଛି ।

'ପ୍ରତିଟି ଜୀବନ ମୂଲ୍ୟବାନ', ଏହି ମୂଳମନ୍ତ୍ରକୁ ମାର୍ଗଦର୍ଶିକା ଭାବରେ ଅନୁପାଳନ କରି, " ଆମ ହସ୍ପିଟାଲ " - 5T ଅଧିନରେ ଏକ ରୂପାନ୍ତରିକରଣ ଯୋଜନାରେ ସରକାରୀ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସମ୍ମାନପୂର୍ବକ ଚିକିତ୍ସା ସେବା ପ୍ରଦାନ ସହିତ ରୋଗୀ ଅନୁକୂଳ ପରିବେଶରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରିବାକୁ ଯୋଜନା କରାଯାଇଛି । ଏହି ଯୋଜନାକୁ ରାଜ୍ୟ କ୍ୟାବିନେଟ ଆଜିର ବୈଠକରେ ଅନୁମୋଦନ କରିଛନ୍ତି ।